# ଶ୍ରୀ ଗଣେଶ ପୂଜା ତତ୍ୱ ଓ ରହସ୍ୟ

**ଈ**ଶ୍ୱର ଏକ ଏବଂ ଅଦ୍ୱିତୀୟ । ଭଗବାନ କହିଛନ୍ତି- *"ଜ୍ଞାନ ଗଣେଶ ମମ ଚକ୍ଷୁ ଅର୍କ, ଶିବୋ ମମାତ୍ମା ମମ ଚକ୍ଷୁରାଦ୍ୟା, ବିଭେଦ ବୁଦ୍ଧ୍ୟାଃ ମୟି ଯେ ଭଜନ୍ତି,ମାମଙ୍ଗ ହୀନାଃ କଳୟନ୍ତି ମନ୍ଦାଃ । "* ଅର୍ଥାତ୍ ମୋର ଜ୍ଞାନ ହିଁ ଗଣେଶ, ଚକ୍ଷୁ ଦ୍ୱୟ ଅର୍କ (ସୂର୍ଯ୍ୟ), ଶିବ ମୋର ଆତ୍ମା ସ୍ୱରୂପ ଏବଂ ଅଦ୍ୟା ଶକ୍ତି ହିଁ ମୋର ଐଶ୍ୱରିକ ଶକ୍ତି ଅଟନ୍ତି । କ୍ଷିତି, ଅପ୍, ତେଜ, ମରୁତ ଓ ବ୍ୟୋମ ସମଗ୍ର ଜଗତର ମୂଳ ଉପାଦାନ ଅଟେ । ଏହି ମହାଭୁତ ଓ ତତ୍ୱ ମାନଙ୍କର ଅଧିଷ୍ଠାତା ଦେବତା କ୍ରମାନ୍ୱୟରେ ଆକାଶତତ୍ୱର ଅଧିଷ୍ଠାତା ବିଷ୍ଣୁ, ଅଗ୍ନିତତ୍ୱର ଅଧିଷ୍ଠାତ୍ରୀ ଦୁର୍ଗା, ବାୟୁ ତତ୍ୱର ସୂର୍ଯ୍ୟ, ପୃଥ୍ୱୀତତ୍ୱର ଶିବ ଏବଂ ଜଳ ତତ୍ୱର ଅଧିଷ୍ଠାତା ଗଣେଶ ଅଟନ୍ତି । ଏହି ପଂଚ ଦେବତା ପ୍ରତ୍ୟେକ ସାକାର ବ୍ରହ୍ମଙ୍କ ଏକ-ଏକ ରୂପ ଅଟନ୍ତି । ପଂଚ କର୍ମେନ୍ଦ୍ରିୟ, ପଂଚ ଜ୍ଞାନେନ୍ଦ୍ରିୟ ଓ ଚତୁଃ ଅନ୍ତଃକରଣର ସମନ୍ୱିତ ଏହି ପଂଚଭୂତର ଶରୀରରେ ସନାତନ ବୈଦିକ ହିନ୍ଦୁ ଧର୍ମର ଦେବକାର୍ଯ୍ୟ ତଥା ମାଙ୍ଗଳିକ କର୍ମ ପ୍ରାରମ୍ଭରେ ସର୍ବାଦୌ ଗଣେଶଙ୍କ ପୂଜା କରାଯାଇଥାଏ ।

ଗଣେଶ ଶବ୍ଦର ଅର୍ଥ ଗଣ ମାନଙ୍କର ସ୍ୱାମୀ । ଗଣପତ୍ୟଥର୍ବଶୀର୍ଷ ମତାନୁଶାରେ ଗଣପତି ଶବ୍ଦବ୍ରହ୍ମ ଅର୍ଥାତ୍ ଓଁକାରର ପ୍ରତୀକ ଅଟନ୍ତି । ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟ ଓ ମନ୍ତ୍ରର ପ୍ରାରମ୍ଭରେ ଓଁ କାର ଉଚ୍ଚାରିତ ହୋଇଥାଏ । ଅତଏବ ଏହି କାରଣାନୁଶାରେ ଗଣେଶ ଅଗ୍ରପୂଜ୍ୟ । ଭଗବାନ ଶ୍ରୀ ଗଣେଶଙ୍କ ପୂଜନ ନିର୍ଗୁଣ ପରଂବ୍ରହ୍ମ ଉପାସନାର ପ୍ରତୀକ ଅଟନ୍ତି । କଳ୍ପଭେଦରେ ମଙ୍ଗଳମୂର୍ତ୍ତି ଗଣେଶଙ୍କ ଅନେକ ଅବତାର କ୍ରମେ ପ୍ରାକଟ୍ୟ,ଲୀଳା ଓ ମନୋରମ ବିଗ୍ରହର ବିଭିନ୍ନ ରୂପ ବର୍ଣ୍ଣନ ପୁରାଣ ଶାସ୍ତ୍ର ମାନଙ୍କରେ ଉପଲବ୍ଧ ହୋଇଥାଏ । ଯୁଗ ଭେଦରେ ପରମତତ୍ୱ ମହାମହିମ ଶ୍ରୀ ଗଣେଶ ଙ୍କ ବିଭିନ୍ନ ନାମ, ବାହନ, ଗୁଣ, ଲୀଳା, ପୃଥକ ପୃଥକ ହୋଇଥାଏ । ସତ୍ୟ ଯୁଗରେ ଶ୍ରୀ ଗଣେଶ ନାମ –ମହୋତ୍କଟ ବିନାୟକ, ଦଶଭୁଜ, ସିଂହ ବାହନ, ଗଣେଶ ପୁରାଣାନୁଯାୟୀ ସେ ଦେବାନ୍ତକ ଓ ନରାନ୍ତକ ପ୍ରମୁଖ ଦୈତ୍ୟ ମାନଙ୍କୁ


odishaAstrology.com
Know your future...
JyotirVidya Visharad Prasanna Kumar Mahapatro
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

ସଂହାର କରିଥିଲେ । ତ୍ରେତୟା ଯୁଗରେ ମଙ୍ଗଳମୋଦ ପ୍ରଦାତା ଭଗବାନ ଗଣେଶଙ୍କର ନାମ ମୟୂରେଶ୍ୱର ଥିଲା ଏବଂ ସେ ସିନ୍ଧୁଦୈତ୍ୟକୁ ବଧ କରିବା ସହ ତାହାର ଦୁଇ ପୁତ୍ର ଧର୍ମ ଓ ଅଧର୍ମକୁ ମଧ ସଂହାର କରିଥିଲେ । ଠିକ୍ ସେହିପରି ଦ୍ୱାପର ଯୁଗରେ ଗଣେଶ ଗଜାନନ ରୂପରେ ସିନ୍ଦୁର ଦୈତ୍ୟକୁ ବଧ କରିଥିଲେ । ଏବଂ ଏହି କଳିଯୁଗରେ ପାପାଚାର ବୃଦ୍ଧି ପାଇବା କାରଣରୁ ଦୁଷ୍ଟ ସଂହାର ପୂର୍ବକ ନିମ୍ନାଭିମୁଖୀ ମାନବର କଲ୍ୟାଣ ଓ  ବର୍ଣ୍ଣାଶ୍ରମ ଧର୍ମର ମର୍ଯ୍ୟଦା ରକ୍ଷା କରିବା ସକାଶେ ଧର୍ମ ରକ୍ଷକ ଶ୍ରୀ ଗଣେଶ ଭଗବାନ , ସୂର୍ପକର୍ଣ୍ଣ, ଧୁମ୍ରବର୍ଣ୍ଣ ଧୂମ୍ରକେତୁ ନାମରେ ଅବତାର ଗ୍ରହଣ କରିବେ । ମୁଦ୍ଗଲ ପୁରାଣ ଅଧାରିତ ବର୍ଣ୍ଣନା ପରିପ୍ରେକ୍ଷୀରେ, ମାନବ ଶରୀରର ଲୋକଲୋଚନ ଅଗୋଚରରେ ଲୁଚି ରହିଥିବା ଅସୁର ମାନଙ୍କର ବିନାଶ କରିବା ପାଇଁ ବିଭିନ୍ନ ଅବତାର ଗ୍ରହଣ କରିବେ । ବିଶେଷତଃ କାମାସୁର ଦମନ ପାଇଁ ସୌରବ୍ରହ୍ମ ଧାରକ ମୟୂର ବାହାନାରୂଢ ଗଜାନନ ବିକଟ ନାମ ଗ୍ରହଣ କରିବେ । ସେହିପରି କ୍ରୋଧାସୁର  ନିଧନ ସକାଶେ ମୂଷିକ ବାହନ ସତ୍ ସ୍ୱରୂପ ଶକ୍ତିବ୍ରହ୍ମ-ଧାରକ ଲମ୍ବୋଦର । ଲୋଭାସୁର ପାଇଁ ସାଂଖବ୍ରହ୍ମ ଧାରକ ମୂଷିକ ବାହନ ଗଜାନନ । ମୋହାସୁର ବିନଷ୍ଟ ସକାଶେ ମୂଷିକ ବାହନ ଜ୍ଞାନବ୍ରହ୍ମ ଧାରକ  ମହୋଦର । ମଦାସୁର ବିନାଶ ପରିପ୍ରେକ୍ଷୀରେ ଦେହୀବ୍ରହ୍ମ ଧାରକ ମୂଷିକ ବାହନାରୂଢ ଏକଦନ୍ତାବତାର । ମତ୍ସରାସୁର ନିଧନ ପାଇଁ ଦେହବ୍ରହ୍ମ ଧାରକ ସିଂହ ବାହନ ବକ୍ରତୁଣ୍ଡାବତାର । ମୁଁ ନାମକ ମମାସୁରକୁ ମାରିବା ପାଇଁ ଶେଷନାଗ ବାହନ ବିଘ୍ନରାଜ ଏବଂ ଅହନ୍ତାସୁରର ହନ୍ତ ନିମିତ ଧୂମ୍ରବର୍ଣ୍ଣ ନାମରେ ଓଁକାର ସ୍ୱରୂପୀ ଜ୍ଞାନର ପ୍ରତୀକ ଭଗବାନ ଶ୍ରୀ ଗଣେଶଙ୍କ ଆବିର୍ଭାବ ଘଟିବ । ଅବତାର ଭେଦରେ ଶ୍ରୀ ଗଣେଶଙ୍କ ରୂପ, ଗୁଣ, ଲୀଳା, ବାହନ, ବେଶଭୂଷା, ଅଳଙ୍କାର, ପାର୍ଶଧ ଓ ଆୟୁଧାଦିର ଭିନ୍ନତ । ଭିଭିନ୍ନ ଶାସ୍ତ୍ର ଓ ପୁରାଣ ମାନଙ୍କରେ ଦେଖିବାକୁ ମିଳେ ।

www.odishaastrology.com

OdishaAstrology.com
Know your future...
JyotirVidya Visharad Prasanna Kumar Mahapatro
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

# ଶ୍ରୀ ଗଣେଶ ପୂଜା ତତ୍ୱ ଓ ରହସ୍ୟ

ଶ୍ରୀତତ୍ୱନିଧି ଗ୍ରନ୍ଥାନୁବର୍ଣ୍ଣନାନୁଯାୟୀ ସତ୍ୱ,ରଜ,ତମ ଓ ମିଶ୍ରିତଗୁଣାନୁ ଭେଦର ବିଭିନ୍ନ ପ୍ରକାରର ଇଷ୍ଟଲାଭ ନିମିତ ବତ୍ରିଶ(୩୨) ପ୍ରକାରର ଗଣପତିଙ୍କ ଉପାସନା କରାଯାଇଥାଏ ।

୧. ବାଳ ଗଣପତି-ରକ୍ତବର୍ଣ୍ଣ,ଚତୁର୍ମୁଖି
୨. ତରୁଣଗଣପତି-ରକ୍ତବର୍ଣ୍ଣ.ଅଷ୍ଟହସ୍ତ
୩. ଭକ୍ତ ଗଣପତି-ଶ୍ୱେତବର୍ଣ୍ଣ,ଚତୁର୍ହସ୍ତ
୪. ବୀର ଗଣପତି-ରକ୍ତ ବର୍ଣ୍ଣ,ଦଶଭୁଜ
୫. ଶକ୍ତି ଗଣପତି-ସିନ୍ଦୁର ବର୍ଣ୍ଣ,ଚତୁର୍ଭୁଜ
୬. ଦ୍ୱିଜ ଗଣପତି-ଶୁଭ୍ରବର୍ଣ୍ଣ,ଚତୁର୍ଭୁଜ
୭. ସିଦ୍ଧ ଗଣପତି-ପିଙ୍ଗଳ ବର୍ଣ୍ଣ,ଚତୁର୍ଭୁଜ
୮. ଉଚ୍ଛିଷ୍ଟ ଗଣପତି-ନୀଳବର୍ଣ୍ଣ,ଚତୁର୍ଭୁଜ
୯. ବିଘ୍ନ ଗଣପତି-ସ୍ୱର୍ଣ୍ଣବର୍ଣ୍ଣ,ଦଶଭୁଜ
୧୦. କ୍ଷିପ୍ର ଗଣପତି-ରକ୍ତବର୍ଣ୍ଣ,ଚତୁର୍ହସ୍ତ
୧୧. ହେରମ୍ବ ଗଣପତି-ପଂଚ ମାତଙ୍ଗ ମୁଖ, ସିଂହ ଭାହନ, ଗୌରବର୍ଣ୍ଣ, ଅଷ୍ଟହସ୍ତ
୧୨. ଲକ୍ଷ୍ମୀ ଗଣପତି-ଗୌରବର୍ଣ୍ଣ,ଦଶଭୁଜ
୧୩. ମହାଗଣପତି, ରକ୍ତବର୍ଣ୍ଣ,ତ୍ରିନେତ୍ର, ଦଶଭୁଜ
୧୪. ବିଜୟ ଗଣପତି-ରକ୍ତବର୍ଣ୍ଣ, ଚତୁର୍ହସ୍ତ
୧୫. ନୃତ୍ୟ ଗଣପତି-ପୀତ ବର୍ଣ୍ଣ, ଚତୁର୍ହସ୍ତ
୧୬. ଉର୍ଦ୍ଧ ଗଣପତି-କନକ ବର୍ଣ୍ଣ,ଷଡ଼୍ଭୁଜ

www.odishaastrology.com



**JyotirVidya Visharad Prasanna Kumar Mahapatro**
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

୧୭. ଏକାକ୍ଷର ଗଣପତି-ରକ୍ତବର୍ଣ୍ଣ, ଚତୁର୍ଭୁଜ

୧୮. ବର ଗଣପତି-ରକ୍ତବର୍ଣ୍ଣ

୧୯. ତ୍ରକ୍ଷ୍ୟ ଗଣପତି-ସ୍ୱର୍ଣ୍ଣବର୍ଣ୍ଣ, ଚତୁର୍ବାହୁ

୨୦. କ୍ଷିପ୍ରପ୍ରସାଦ ଗଣପତି-ରକ୍ତଚନ୍ଦନାଙ୍କିତ, ଷଡ୍‌ଭୁଜ

୨୧. ହରିଦ୍ରା ଗଣପତି-ହରିଦ୍ରା ବର୍ଣ୍ଣ, ଚତୁର୍ଭୁଜ

୨୨. ଏକଦନ୍ତ ଗଣପତି-ଶ୍ୟାମବର୍ଣ୍ଣ, ଚତୁର୍ଭୁଜ

୨୩. ସୃଷ୍ଟି ଗଣପତି-ରକ୍ତବର୍ଣ୍ଣ, ଚତୁର୍ଭୁଜ

୨୪. ଉଦ୍ଦଣ୍ଡ ଗଣପତି-ରକ୍ତବର୍ଣ୍ଣ, ଦ୍ୱାଦଶ ଭୁଜ

୨୫. ଋଣ ମୋଚନ ଗଣପତି-ଶୁକ୍ଳବର୍ଣ୍ଣ, ଚତୁର୍ଭୁଜ

୨୬. ଦୁଣ୍ଡି ଗଣପତି-ରକ୍ତବର୍ଣ୍ଣ, ଚତୁର୍ଭୁଜ

୨୭. ଦ୍ୱିମୁଖ ଗଣପତି-ହରିତ୍ ବର୍ଣ୍ଣ, ଚତୁର୍ଭୁଜ

୨୮. ତ୍ରିମୁଖ ଗଣପତି-ରକ୍ତବର୍ଣ୍ଣ, ଷଡ୍‌ଭୁଜ

୨୯. ସିଂହ ଗଣପତି-ଶ୍ୱେତବର୍ଣ୍ଣ, ଅଷ୍ଟଭୁଜ

୩୦. ଯୋଗ ଗଣପତି-ରକ୍ତବର୍ଣ୍ଣ, ଚତୁର୍ଭୁଜ

୩୧. ଦୁର୍ଗା ଗଣପତି-କନକବର୍ଣ୍ଣ, ଅଷ୍ଟହସ୍ତ

୩୨. ସଂକଟ ହରଣ ଗଣପତି-ରକ୍ତବର୍ଣ୍ଣ, ଚତୁର୍ଭୁଜ

ଏହିପରି ବିବିଦ ଗଣପତି ମାନଙ୍କର ଉପାସନା ଶାସ୍ତ୍ର ମାନଙ୍କରେ ପଦ୍ମ ପୁରାଣ-ସୃଷ୍ଟିଖଣ୍ଡ, ଲିଙ୍ଗ ପୁରାଣ, ବ୍ରହ୍ମବୈବର୍ତ ପୁରାଣ, ସ୍କନ୍ଦ ପୁରାଣ, ଶିବ ପୁରାଣ, ବାୟୁପୁରାଣ , ସୌରପୁରାଣ, ମତ୍ସ୍ୟପୁରାଣ ଓ

JyotirVidya Visharad Prasanna Kumar Mahapatro
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

# ଶ୍ରୀ ଗଣେଶ ପୂଜା ତତ୍ୱ ଓ ରହସ୍ୟ

ମହାଭାରତରେ ଶ୍ରୀ ଗଣେଶଙ୍କର ପ୍ରାକଟ୍ୟଲୀଳା ବିଶେଷତଃ ପରିଦୃଷ୍ଟ ହୁଏ । ସର୍ବୋପରି ଶିବପୁରାଣାନ୍ତର୍ଗତ ଶ୍ୱେତକଳ୍ପର ଶ୍ରୀଗଣେଶଙ୍କର ପ୍ରାକଟ୍ୟ ଲୀଳା ସର୍ବ ସମ୍ମତ ।

ପୁରାଣାନୁଶାରେ ଭାଦ୍ରବମାସ ଶୁକ୍ଳପକ୍ଷର ଚନ୍ଦ୍ରୋଦୟ ପରେ ଦ୍ୱିତୀୟ ପ୍ରହରରେ ଗଜାନନ ସ୍ୱରୂପ ଭଗବାନ ଶ୍ରୀ ଗଣେଶ ଜନ୍ମଗ୍ରହଣ କରିଥିଲେ । ପାତଞ୍ଜଳି ଯୋଗଦର୍ଶନର ଅଷ୍ଟାଙ୍ଗ ଯୋଗସାଧନ, ଷଟ୍‌ଚକ୍ର ସାଧନ ପରିପ୍ରେକ୍ଷୀରେ ମୂଳାଧାରଚକ୍ରରେ କୁଣ୍ଡଳିନୀଶକ୍ତିର ଦେବତା ଗଣେଶ ବିଦ୍ୟମାନ । ସେହି କୂର୍ମଚକ୍ରର ମୁଖ ଦକ୍ଷିଣକୁ ଥିବା କାରଣରୁ ଅଦ୍ୟାବଧି ଗଣେଶଙ୍କୁ ଦକ୍ଷିଣମୁଖରେ ପୂଜା କରାଯାଏ ।

ଶାସ୍ତ୍ରନୁଶାରେ ଶ୍ରୀ ଗଣେଶ ପୂଜନ ପରିପ୍ରେକ୍ଷୀରେ – "*ବିଦ୍ୟାର୍ଥୀ ଲଭତେ ବିଦ୍ୟାଂ, ଧନାର୍ଥୀ ଲଭତେ ଧନମ୍, ପୁତ୍ରାର୍ଥୀ ଲଭତେ ପୁତ୍ରାନ୍, ମୋକ୍ଷାର୍ଥୀ ଲଭତେ ଗତିମ୍* " ହେତୁ ଅଧୁନାଂ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ବିଦ୍ୟାର୍ଥୀ ଏବଂ ବ୍ୟକ୍ତିବିଶେଷମାନେ ମଧ ମହାଡମ୍ବର ସହକାରେ ଗଣେଶ ଜନ୍ମୋତ୍ସବକୁ ପାଳନ କରୁ ଅଛନ୍ତି ।

ଇତ୍ୟୋମ୍-ଶ୍ରୀ ଗଣେଶ ସମର୍ପଣମସ୍ତୁ,

ଜ୍ୟୋତିର୍ବିଦ୍ୟାବିଶାରଦ ପ୍ରସନ୍ନ କୁମାର ମହାପାତ୍ର,ଏମ୍.ଏ.ବିଇଡି,
ମଙ୍ଗରାଜପୁର ଶାସନ,କାଦୁଆ,
ଜଗନ୍ନାଥ ପ୍ରସାଦ,ଗଞ୍ଜାମ,
୯୭୭୭୮୦୧୮୫୫

www.Odishaastrology.com



JyotirVidya Visharad Prasanna Kumar Mahapatro
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855